# ସ୍ମୃତିର ସୁଅରେ ସଂସ୍କୃତି ବିହାର

• ସରୋଜ କୁମାର ସିଂହ

କଟକ ସହର ହେଉଛି ବାଉନ ବଜାର ତେପନ ଗଳିର ସହର । କଳା, ସଂସ୍କୃତି, ଭାଇଚାରାର ସହର । ଏହି ସହର କାଳୀଗଳି ଅଞ୍ଚଳରେ ଆମ ଘର । ବାବା ଏ ଘର ଷାଠିଏ ଦଶକରେ କିଣିଥିଲେ । ସେହି ଦିନରୁ ଆମ ଘରକୁ ସମସ୍ତେ ନୂଆଘର କହନ୍ତି । ସଂସ୍କୃତି ବିହାରର ଏନ୍ତୁଡ଼ିଶାଳ ହେଉଛି ଆମର ଏହି ନୂଆଘର । ୧୯୬୩ ମସିହାରେ ଗଢ଼ାହେଲା ସଂସ୍କୃତି ବିହାର । କାଳୀଗଳିସ୍ଥ ଆମ ନୂଆଘର ହେଲା ସଂସ୍କୃତି ବିହାରର କାର୍ଯ୍ୟସ୍ଥଳି ଓ ପ୍ରାଣକେନ୍ଦ୍ର । ସବୁଦିନେ ଜମୁଥିଲା ବନ୍ଧୁମାନଙ୍କର ଆସର । ଚାହା ଓ ଗରମ ଗରମ ପକୁଡ଼ି ଭିତରେ ଚାଲୁଥିଲା କଥାବାର୍ତ୍ତା ଓ ସାନ୍ଧ୍ୟ ଆଲୋଚନା । ସଂସ୍କୃତି ବିହାରର ଲକ୍ଷ୍ୟ କ'ଣ ହେବ, କ'ଣ ହେବ ତାର ପରିଚୟ, କ'ଣ ହେବ ତାହାର ଆଭିମୁଖ୍ୟ ଓ କାମ, ଏ ବିଷୟରେ ଆଲୋଚନା ଓ ମତ ବିନିମୟ ଆମ ସାନ୍ଧ୍ୟକାଳୀନ ସଭାର ମୁଖ୍ୟ ବିଷୟ ବସ୍ତୁ ଥିଲା ।

ସେତେବେଳେ ସମୟ ଥିଲା ଆମର ହାଫ-ପ୍ୟାଣ୍ଟ ଛାଡ଼ି ଫୁଲପ୍ୟାଣ୍ଟ ପିନ୍ଧିବାର ସମୟ । ଆମେ ସ୍କୁଲରୁ ନୂଆ ହୋଇ କଲେଜକୁ ଆସିଥିଲୁ । ଲାଜେଇ ଲାଜେଇ ଫୁଲ-ପ୍ୟାଣ୍ଟ ପିନ୍ଧୁଥିଲୁ । ସଂସ୍କୃତି ବିହାର ଗଠନ ଆମ ଆଦ୍ୟ ଯୌବନରେ ଏକ ନୂତନ ଉଦ୍ଦିପନା ଆଣିଦେଲା । ତା ସାଙ୍ଗରେ ଆସିଗଲା କିଛି ସ୍ୱପ୍ନ ଓ ସେ ସ୍ୱପ୍ନକୁ ସାକାର କରିବା ପାଇଁ ମନରେ ସୃଷ୍ଟି ହେଲା ଏକ ଅଘୋଷିତ ଦୃଢ଼ତା । ସାଥୀ ହେଲେ ବିଜୟ, ଚନ୍ଦ୍ରଶେଖର, ଶୁଭାଞ୍ଜନ, ଦେବକୀ, ସରୋଜ, ପିନାକୀ, ନିର୍ମଳ, ନାରାୟଣ, ସ୍ୱରୂପ, ବିଜୟ ଚକ୍ରବର୍ତ୍ତୀ, ଜାନକୀ, ବୈଷ୍ଣବ ଭାଇ, ଚୈତନ୍ୟ, ମାୟଧର ଓ ଅନେକ ସମଭାବାପନ୍ନ ଉତ୍ସାହୀ ବନ୍ଧୁମାନେ । କଟକ ସହରର ଗଳିକନ୍ଦିରୁ ଅନ୍ୟ ବନ୍ଧୁମାନେ ମଧୁମକ୍ଷିକା ପରି ସଂସ୍କୃତି ବିହାରର ମଧୁବାଟିକାକୁ ଉଡ଼ି ଆସିଲେ । ମନରେ ମନ ମିଶିଲା, କାନ୍ଧରେ କାନ୍ଧ ମିଶିଲା, ସ୍ୱପ୍ନରେ ସ୍ୱପ୍ନ ମିଶିଲା । କାମ ଆରମ୍ଭ ହୋଇଗଲା । ୧୯୬୩ ମସିହା ନଭେମ୍ବର ମାସ ୧୩ ତାରିଖ ଦିନ ସଂସ୍କୃତି ବିହାର ପ୍ରଥମେ ରଙ୍ଗମଞ୍ଚରେ ପଦାର୍ପଣ କଲା । କଟକ ନାରୀସଂଘ ସଦନରେ ଅଭିନୀତ ହେଲା ଆମର ପ୍ରଥମ ନାଟକ 'ରାଣାପ୍ରତାପ' । ସେ ନାଟକ ପ୍ରଦର୍ଶନ ପରେ ସଂସ୍କୃତି ବିହାର ପରିବାରର ଏକ କଳା ଧଳା ଫଟୋ ଉଠିଥିଲା ଯାହା ୫୦ ବର୍ଷ ପରେ ମଧ ଆମ ପାଖରେ ଏବେବି ସଂରକ୍ଷିତ ହୋଇ ରହିଛି ସ୍ମୃତିର ସ୍ୱାକ୍ଷର ବହନ କରି । ତାହା ପରେ ଆମେ ଆଉ ପଛକୁ ଚାହିଁନୁ । ନୃତ୍ୟନାଟିକା, ସମବେତ କଣ୍ଠ ସଙ୍ଗୀତ, ନାଟକ ଗୋଟାଏ ପରେ ଗୋଟାଏ ଆମେ କରି ଚାଲିଲୁ କଟକର ବିଭିନ୍ନ ରଙ୍ଗମଞ୍ଚରେ । କରତାଳି ମିଳିଲା । ପ୍ରଶଂସା ବି ମିଳିଲା । ଆମର ଆତ୍ମବିଶ୍ୱାସ ବଢ଼ି ଚାଲିଲା । 'ସଂସ୍କୃତି ବିହାର' ହୋଇଗଲା ସମୟର ରୂପେଲି ନଈରେ ଏକ ସୁବର୍ଣ୍ଣ ତରୀ ।

ବନ୍ଧୁ ବିଜୟ ମିଶ୍ରଙ୍କ ବାପା ମନମୋହନ ମିଶ୍ରଙ୍କୁ ପାଇଲୁ ଆମର ଉପଦେଷ୍ଟା ଭାବରେ । ଗଭୀର ଆତ୍ମ ବିଶ୍ୱାସର ସେ ଥିଲେ ଏକ ପ୍ରତୀକାତ୍ମକ ମଣିଷ, ସ୍ୱାଧୀନତା ସଂଗ୍ରାମୀ ଓ ସମାଜରେ ବିପ୍ଳବର ସୂର୍ଯ୍ୟ । ସେ ଥିଲେ ଗୁଣୀ । ଗଣଚେତନାର ସେ ଥିଲେ ପ୍ରତିଦିପ୍ତ ବର୍ତ୍ତିକା । ଗଣଙ୍କୁ ଗ୍ରହଣ କରିବା, ତାଙ୍କ ପାଇଁ ଭାବିବା, ଚିନ୍ତାକରିବା ଓ ସେମାନଙ୍କୁ କିଛି ଦେବା ପାଇଁ ଚେଷ୍ଟା କରିବା ଥିଲା ତାଙ୍କର ମହତ ଗୁଣ ଓ ଜୀବନ ଦର୍ଶନ ଥିଲା । ତେଣୁ ପ୍ରକୃତରେ ସେ ଜଣେ ଗୁଣୀ ମଣିଷ ଥିଲେ । କଟକ ସହରର ରାଣିହାଟରେ ବନ୍ଧୁ ବିଜୟଙ୍କ ଘର । ରେଭେନ୍‌ସା କଲେଜରୁ ଘରକୁ ଫେରିଲାବେଳେ ଆମେ ତାଙ୍କ ଘରେ ଘଣ୍ଟା ଘଣ୍ଟା ବସୁ ଓ ପିତୃପ୍ରତୀମ ମନମୋହନଙ୍କ ଠାରୁ ଅନେକ କଥା ଶୁଣୁ । ଘରେ ତାଙ୍କର ପୋଷାକ ଥିଲା ପୁରାହାତବାଲା ଗଂଜି ଓ ପାଇଜାମା । ତାରି ଭିତରେ ଲୁଚି ରହିଥିଲା ଇସ୍ପାତ ପରି ଶକ୍ତ ଏକ ବଳିଷ୍ଠ ବ୍ୟକ୍ତିତ୍ୱ । ତାଙ୍କର କଥା ଓ ଉପଦେଶ ଲୌହ ହାତୁଡ଼ିପରି ଆମ ଛାତିରେ ପ୍ରହାର କରୁଥିଲା । ସେ କହୁଥିଲେ ଦିଗହଜା ହୁଅନା । ଗଣଙ୍କ ପାଇଁ କିଛି କର । ତାଙ୍କର ସେହି ଆହ୍ୱାନ ସଂସ୍କୃତି ବିହାରର ବିଜମନ୍ତ୍ର ଥିଲା ।

ସମୟ ସ୍ରୋତରେ ଭାସି ଆସିଲେ ଧୀରେନ ଦାଶ । ବନ୍ଧୁ ପିନାକୀ ଓ ଚନ୍ଦ୍ରଶେଖର ତାଙ୍କୁ ଆମ ଅନୁଷ୍ଠାନର ପରିସରକୁ ଦିନେ ଡାକି ଆଣିଥିଲେ । ଓଡ଼ିଶାର ଲୋକନାଟ୍ୟ ସଂସ୍କୃତିକୁ ଆନ୍ତର୍ଜାତିକ ସ୍ତରକୁ ନେବା ପାଇଁ ଉଚ୍ଚ ଅଭିଳାଷ ଥିଲା ଧୀରେନ ଦାଶଙ୍କର । ସେ ପ୍ରଥମେ କିଛି ବର୍ଷ ବମ୍ବେ ବନ୍ଦରରେ ନିରୀକ୍ଷକ ରୂପେ କାର୍ଯ୍ୟ କରୁଥିଲେ ।

କଳା ଓ ଅଭିନୟ ପ୍ରତି ତାଙ୍କର ମୂଳରୁ ଆଗ୍ରହ ଥିଲା । Marshal Hobert ଙ୍କ ଠାରୁ ସେ 'Bento Mime' କଳା ଶିଖିଥିଲେ । ବମ୍ବେରେ ଥିଲା ବେଳେ ଭାରତର ସିନେମା ଜଗତର ପୃଥ୍ୱୀରାଜ କପୁର, ଦିଲ୍ଲିପ କୁମାରଙ୍କ ପରି ଦିଗ୍‌ଗଜ ମାନଙ୍କର ସଂସ୍ପର୍ଶରେ ଆସିଥିଲେ । କଳାର ଦୁନିଆରେ ତାଙ୍କ ଜୀବନର ଆଧାରଶିଳା ବମ୍ବେରେ ହିଁ ପଡ଼ିଥିଲା । କିଛିବର୍ଷ ବମ୍ବେରେ ରହିଲା ପରେ ସେ ସସ୍ତ୍ରୀକ ଓଡ଼ିଶା ଚାଲିଆସିଥିଲେ । କଟକ ସହରର ପାଟରାସାହିରେ ଘରଟିଏ ନେଇ ରହିଲେ । ସେ ଖୋଜୁଥିଲେ କିଛି ଉତ୍ସାହୀ ଯୁବକଙ୍କୁ ଓ ଗୋଟାଏ ଶୃଙ୍ଖଳିତ ଦଳକୁ । ଆମେ ଖୋଜୁଥିଲୁ ଜଣେ ଦୂରଦ୍ରଷ୍ଟା ଦିଗ୍‌ଦର୍ଶକଙ୍କୁ । ସମୟର କେଉଁ ଏକ ସୁବର୍ଣ୍ଣ ମୁହୂର୍ତ୍ତରେ ଆମେ ତାଙ୍କୁ ଗୁରୁ ରୂପେ ଗ୍ରହଣ କରିନେଇଥିଲୁ । ସୁଦୀର୍ଘ ବପୁ, ମୁଣ୍ଡରେ ଝାମ୍ପୁଡ଼ା ଝାମ୍ପୁଡ଼ା ଫୁଲାଏ କେଶ । କେମିତି ଗୋଟାଏ ରହସ୍ୟମୟ ଥିଲା ତାଙ୍କର ଚେହେରା । ତାଙ୍କ ସହିତ ଆମ ସଂପର୍କ ବଢ଼ି ଚାଲିଲା । ସେ ଆମକୁ ଶୁଣାଇଲେ ଯାତରା ବା ଯାତ୍ରାର ଇତିହାସ । ଯାତ୍ରାରେ କିପରି ଅଭିନୟ କରାଯାଏ, ମଞ୍ଚ ଉପରେ ଚାଲିବାର Style କଣ, ଏକାଧିକ ମଞ୍ଚକୁ କିପରି ଯାତ୍ରାରେ ବ୍ୟବହାର କରାଯାଏ ଆମେ ତାଙ୍କ ଠାରୁ ଶୁଣିଲୁ ।

ତାଙ୍କର ନାଟ୍ୟକଳାରେ ଅନେକ ଜ୍ଞାନ ଥିଲା । Stage Craft ରେ ସେ ନିପୁଣ ଥିଲେ । ମଞ୍ଚ ନିର୍ମାଣର ନୂଆ ନୂଆ ପଦ୍ଧତି ଓ ପରିକଳ୍ପନାର ସେ ଗବେଷକ ଥିଲେ । ତାଙ୍କର ପରିକଳ୍ପିତ ମଞ୍ଚ ଓ ଅଭିନୟ ସ୍ଥଳି ୫୦୦ ଫୁଟ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ଏତେ ବଡ଼ ମଞ୍ଚକୁ ସେ ବିରାଟ ପ୍ରେକ୍ଷା କହୁଥିଲେ । ଏ ମଞ୍ଚରେ ଉପକରଣ ଘୋଡ଼ା, ହାତୀ, ଶଗଡ଼, ପାଲିଙ୍କି, ରଥ ଇତ୍ୟାଦି କିପରି ବ୍ୟବହାର କରାଯାଇ ପାରେ ତାହା ଆମକୁ ଶିଖାଇଲେ । ସାପ ପଦ୍ମତୋଳାରେ ବଶୀଭୁତ ହେଲା ପରି ଆମେ ମନ୍ତ୍ରମୁଗ୍ଧ ହୋଇ ତାଙ୍କ କଥା ଶୁଣୁଥିଲୁ ।

ଗ୍ରୀସ ଦେଶରେ ଜଳାଧାର ନିକଟରେ ଥିବା Amphi - Theatre ମଞ୍ଚ କଥା ଆମେ ତାଙ୍କ ଠାରୁ ଶୁଣିଲୁ । ଏହି ମଞ୍ଚ ଉପରେ ଅଭିନୟ ଚାଲିଥିଲା ବେଳେ ତାହାର ଦୃଶ୍ୟ ପ୍ରତିଫଳିତ ହୋଇ ପାଣିରେ ଦେଖାଯାଏ ଯାହା ଦର୍ଶକମାନଙ୍କୁ ମୁଗ୍ଧ କରେ । କଟକ ସହରରେ ଜାଗା ଖୋଜା ଚାଲିଲା ଯେଉଁଠି ବିରାଟ ପ୍ରେକ୍ଷା ନିର୍ମାଣ କରାଯାଇ ପାରିବ । ବନ୍ଧୁ ଚନ୍ଦ୍ରଶେଖର ତାଙ୍କୁ ନେଇଯାଇଥିଲେ ବାରବାଟୀ ଦୁର୍ଗ ପାଖ ଗଡ଼ଖାଇ ସନ୍ନିକଟ ଖୋଲା ପଡ଼ିଆ ପାଖକୁ । ଗଡ଼ଖାଇର ପ୍ରାକୃତିକ ଜଳାଧାର ଓ ତା ନିକଟସ୍ଥ ବିସ୍ତୀର୍ଣ୍ଣ ଘାସ ପଡ଼ିଆ ଦେଖିଲା ପରେ ଗୁରୁ ଧୀରେନ ଦାଶଙ୍କର ଚକ୍ଷୁ ବିସ୍ତାରିତ ହୋଇଯାଇଥିଲା । କେଶ ଆବୃତ୍ତ ମୁହଁରୁ ହସର ଫୁଲଝରି ଝରି ପଡ଼ିଥିଲା । ସେ କହି ଉଠିଥିଲେ - Yes this is our open air stage - ବିରାଟ ପ୍ରେକ୍ଷା । ସେହିଦିନ ଠାରୁ ଗଡ଼ଖାଇ ନିକଟସ୍ଥ ବିସ୍ତୀର୍ଣ୍ଣ ସବୁଜ ଘାସର ପ୍ରାଙ୍ଗଣ ହୋଇଗଲା ଆମର ଗୀତିନାଟ୍ୟର ବିରାଟ ପ୍ରେକ୍ଷା ଓ ଗଡ଼ଖାଇର ଜଳାଧାର ହୋଇଗଲା ଆମର amphi theatre ର ପ୍ରାକୃତିକ ପରିବେଶ ।

ଅଭିନୟ ଗୀତିନାଟ୍ୟର ଗୋଟିଏ ଅଂଶ । ମାତ୍ର ଖାଲି ଅଭିନୟ ଦ୍ୱାରା ଗୀତିନାଟ୍ୟ ପୂର୍ଣ୍ଣାଙ୍ଗ ହୁଏନା । ଏହା ପାଇଁ ଦରକାର ଭିନ୍ନ ଧରଣର ସଂଳାପ ଉଚ୍ଚାରଣ । ତା ସାଙ୍ଗକୁ ଦରକାର ଉପଯୁକ୍ତ ସଙ୍ଗୀତ ଓ ବାଦ୍ୟ ବାଦନ । ଯେ କୌଣସି ଲୋକନାଟ୍ୟ ସାହିତ୍ୟ ପରି, ୫୦ ବର୍ଷ ତଳେ ଗୀତିନାଟ୍ୟ ସାହିତ୍ୟ ଥିଲା ଅନେକାଂଶରେ ବଚନ ଭିତ୍ତିକ – Oral Literature । ମୁଦ୍ରଣ ସୁବିଧା ଯଥେଷ୍ଟ ନଥିବାରୁ ଗୀତିନାଟ୍ୟର ବହି ସୀମିତ ଥିଲା । ତେଣୁ ଗୀତିନାଟ୍ୟ ଦେଖି ଓ ଶୁଣି ଦର୍ଶକମାନେ ତାହା ଉପଭୋଗ କରୁଥିଲେ ଓ ତାହା ପ୍ରତି ଆକର୍ଷିତ ହେଉଥିଲେ ।

ଗୀତିନାଟ୍ୟର ସଙ୍ଗୀତ ଓ ସଂଳାପ କଳାରେ କୃଷ୍ଣଚନ୍ଦ୍ର ପାଣ୍ଡେ ଧୁରନ୍ଧର ଥିଲେ । ସୂତାହାଟରେ ତାଙ୍କର ଘର ଥିଲା । ଆମେ ତାଙ୍କୁ ଡାକି ଆଣି ଆମ ଅନୁଷ୍ଠାନ ସଂସ୍କୃତି ବିହାରରେ ମିଶାଇଲୁ । ସେ ହସ-କୌତୁକର ଜଣେ ମଜେଦାର ମଣିଷ ଥିଲେ । ତାଙ୍କ ଘରେ ଗୋଟାଏ ଘଣ୍ଟା ଝୁଲୁଥାଏ । ସେ ଘଣ୍ଟା ପିଟିଲେ ଘର ଭିତରକୁ ଏକ ସଙ୍କେତ ଯାଏ ଓ ଅତିଥିମାନଙ୍କ ପାଇଁ ଚାହା ଚାଲିଆସେ । ତାଙ୍କର ଏହି ବ୍ୟବସ୍ଥା ଆମକୁ ବହୁତ ମଜା ଲାଗୁଥିଲା ।

କୃଷ୍ଣଚନ୍ଦ୍ର ପାଣ୍ଡେ ବୈଷ୍ଣବ ପାଣିଙ୍କ ସଂସ୍ପର୍ଶରେ ଆସିଥିଲେ । ତାଙ୍କର ଯାତ୍ରାରେ ଅଭିନୟ କରିଥିଲେ । ତେଣୁ ଗୀତିନାଟ୍ୟର ସଂଳାପ ଓ ତା'ର ସଙ୍ଗୀତର ମୌଳିକ ସୁର ଉପରେ ପାଣ୍ଡେଙ୍କର ଜ୍ଞାନ ଓ ଦକ୍ଷତା ଥିଲା । ସେ ଆମ ଅନୁଷ୍ଠାନର ପିଲାମାନଙ୍କୁ ଗୀତିନାଟ୍ୟର

ସଂଳାପ ଓ ଗୀତର ସୁର ଶିଖାଇଲେ । ଆମର ଉପଦେଷ୍ଟା ଓ ଦିଗ୍‌ଦର୍ଶକ ମନମୋହନ ମିଶ୍ର, ଗୁରୁ ଧୀରେନ ଦାଶ ଓ ଯାତ୍ରାପ୍ରବୀଣ କୃଷ୍ଣଚନ୍ଦ୍ର ପାଣ୍ଡେଙ୍କ ହାତ ଧରି ସଂସ୍କୃତି ବିହାର ଆଗେଇ ଚାଲିଲା ଗୀତିନାଟ୍ୟର ଏକ ନୂତନ ଦିଗନ୍ତ ଅନ୍ୱେଷଣରେ ।

୧୯୬୬ ମସିହା ନଭେମ୍ବର ମାସରେ ଆମେ ବାରବାଟୀ ଦୁର୍ଗର ଗଡ଼ଖାଇ କୂଳରେ ମୁକ୍ତାକାଶ ବିରାଟ ପ୍ରେକ୍ଷା ମଞ୍ଚରେ ପରିବେଷଣ କଲୁ ଆମର ପ୍ରଥମ ଗୀତିନାଟ୍ୟ 'ଗୋଧନ ହରଣ' । ଏହାର ମଞ୍ଚ ପ୍ରସ୍ତୁତି ପାଇଁ ବହୁତ କଷ୍ଟ କରିବାକୁ ପଡ଼ିଥିଲା । ଯେତେବେଳେ ଉଜ୍ଜ୍ୱଳ ଆଲୋକରେ ଗଡ଼ଖାଇ ସନ୍ନିକଟ ମଞ୍ଚ ଉଦ୍ଭାସିତ ହୋଇଉଠିଲା ସେତେବେଳେ କଟକ ସହରର ଦର୍ଶକମାନେ ପ୍ରଥମଥର ପାଇଁ ଦେଖିଲେ ଏକ ନୂତନ ଶୈଳୀର ମଞ୍ଚ ପ୍ରସ୍ତୁତି - ବିରାଟ ପ୍ରେକ୍ଷା । ସୁବିସ୍ତୃତ ଘାସ ପଡ଼ିଆରେ ଚାରି ଚାରିଟା ମଞ୍ଚ । ଅଭିନୟ ସ୍ଥଳିରେ ଘୋଡ଼ା ଓ ରଥ । ଯାହା କଟକ ସହରର ବିଭିନ୍ନ ସାହିରୁ ଆସିଥିଲା । ମଞ୍ଚ ଉପରେ ଚାଲିଥିବା ଅଭିନୟର ସୁରମ୍ୟ ପ୍ରତିଫଳିତ ଦୃଶ୍ୟ ଗଡ଼ଖାଇ ଜଳଧାରାରେ ଦେଖି କଟକ-ବାସୀ ମୁଗ୍ଧ ହୋଇଯାଇଥିଲେ । କଟକରେ amphitheatre ର ଏକ ନୂଆ ଯୁଗ ଆରମ୍ଭ ହେଲା । It was a thrilling spectacle for the audience – ତା ପରଦିନ ଖବର କାଗଜରେ ଏହା ଥିଲା ଆମ କାର୍ଯ୍ୟକ୍ରମ ସଂପର୍କରେ Head Line ।

ତା'ପରେ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଆମେ ପାଳନ କଲୁ କାର୍ତ୍ତିକ ଉତ୍ସବ । କଟକ ସହରର ଐତିହାସିକ ବାଲିଯାତ୍ରା ସମୟରେ ପ୍ରତିବର୍ଷ ଗଡ଼ଖାଇ କୂଳରେ ଆମର ବିରାଟ ପ୍ରେକ୍ଷା ଚଳଚଞ୍ଚଳ ହୋଇଉଠେ । ଆଲୋକମାଳାରେ ବର୍ଣ୍ଣିଳ ହୋଇଉଠେ । ସଂସ୍କୃତିବିହାରର କଳାକାରମାନେ ବିରାଟପ୍ରେକ୍ଷା ମଞ୍ଚରେ ପ୍ରଦର୍ଶନ କରନ୍ତି ନୂଆ ନୂଆ ଗୀତିନାଟ୍ୟ ।

ଗୁରୁ ଧୀରେନ୍ ଦାଶଙ୍କ ପରିକଳ୍ପିତ ବିରାଟ ପ୍ରେକ୍ଷାରେ ଏକାଧିକ ମଞ୍ଚ ନିର୍ମାଣ କରିବା ସହଜ କାମ ନ ଥିଲା । ମୁଣ୍ଡରେ ବହୁତ ଚିନ୍ତା ଘାରିଲା । କେମିତି ଏ ମଞ୍ଚ ନିର୍ମିତ ହେବ ? ଉପକରଣ ଆସିବ କେଉଁଠୁ ? କେତେ ଖର୍ଚ୍ଚ ହେବ ? ଆମକୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ କଣ୍ଟ୍ରାକ୍ଟର ଶ୍ରୀ ବିଳାସ ବେହେରା । ବର୍ଷ ପରେ ବର୍ଷ ଆମ ବିରାଟପ୍ରେକ୍ଷାରେ ସେ ମଞ୍ଚ ନିର୍ମାଣ କରିଦେଲେ । ପ୍ରତିବର୍ଷ ବାଲିଯାତ୍ରା ପାଖେଇ ଆସିଲେ ଗଡ଼ଖାଇର ବିରାଟପ୍ରେକ୍ଷା ପ୍ରାଙ୍ଗଣକୁ ଟ୍ରକରେ ବୁହା ହୋଇ ଆସେ କ୍ୟୁଣ୍ଟାଲ କ୍ୟୁଣ୍ଟାଲ କାଠ ପଟା ଓ ମୂଳି ବାଉଁଶ । ମୋଟା ମୋଟା ଖୁମ୍ବ ଆସେ । ମୂଲିଆ ଦଶ ବାର ଜଣ ଆସନ୍ତି । ବିରାଟପ୍ରେକ୍ଷା ପ୍ରସ୍ତୁତି ତିନି ଚାରିଦିନ ଲାଗେ । ଆମ ତରଫରୁ ବନ୍ଧୁ ମାୟାଧର ଓ କ୍ଷେତ୍ରବାସି ସବୁଦିନେ ସେଠାରେ ଉପସ୍ଥିତ ରହି ଏ କାର୍ଯ୍ୟ ତଦାରଖ କରନ୍ତି । ବହୁତ କଷ୍ଟକର ଏ କାର୍ଯ୍ୟ । ମାତ୍ର ବନ୍ଧୁ ମାୟାଧରଙ୍କ ନିଷ୍ଠା ଓ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଠିକ୍ ସମୟରେ ମଞ୍ଚ ପ୍ରସ୍ତୁତ ହୋଇଯାଏ । ସୁଦୀର୍ଘ ପ୍ରେକ୍ଷା । ଲମ୍ବ ୫୦୦ ଫୁଟରୁ ଅଧିକ ହୁଏ । କାଠପଟାରେ ତିଆରି ମଞ୍ଚ ଉପରେ ମୋଟା ଦରି ପଡ଼େ । ଆମର କଳାକାରମାନେ ତା ଉପରେ ଦିନରେ Rehearsal କରନ୍ତି ଓ ରାତିରେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଗୀତିନାଟ୍ୟ ପ୍ରଦର୍ଶନ କରନ୍ତି ।

ମଞ୍ଚ ପ୍ରସ୍ତୁତ ହେଲା ପରେ ଗୀତିନାଟ୍ୟ ପ୍ରଦର୍ଶନ ପାଇଁ ଅନେକ ଆବଶ୍ୟକତା ରହିଥାଏ । ଏଥିପାଇଁ ପ୍ରଥମ ଆବଶ୍ୟକତା ହେଉଛି ବିଦ୍ୟୁତ୍ ଯୋଗାଣ । ଏ ଦାୟିତ୍ୱ ନେଲେ ଇଲେକ୍ଟ୍ରିକ୍ କଣ୍ଟ୍ରାକ୍ଟର ବିଚି ବାବୁ (ବିଚିତ୍ରାନନ୍ଦ ଦାସ) । ବାଲିଯାତ୍ରା ପୂର୍ବରୁ ସେ ପ୍ରତ୍ୟେକ ବର୍ଷ ଆମ ତରଫରୁ ସରକାରଙ୍କ GED ବିଭାଗରେ କିଛି ଅଗ୍ରୀମ ଟଙ୍କା ଦାଖଲ କରନ୍ତି । ବିରାଟପ୍ରେକ୍ଷା ନିକଟସ୍ଥ ବିଦ୍ୟୁତ୍ ଖୁମ୍ବରେ ଗୋଟିଏ ନୂଆ ମିଟର ଲାଗେ । ସେଠୁ ଉକ୍ତ ବିଦ୍ୟୁତ୍ ବିଭବର ବିଦ୍ୟୁତ୍ ଆମକୁ ମିଳେ । କାର୍ଯ୍ୟକ୍ରମ ସରିଗଲା ପରେ ଯେତିକି ବିଲ୍ ଆସେ ବିଚି ବାବୁ ତା' ପାଇଁ ଟଙ୍କା ପଇଠ କରନ୍ତି । ଅଗ୍ରୀମ ଟଙ୍କା ଫେରାଇ ଆଣନ୍ତି ।

ଏହାପରେ ଦରକାର ପଡ଼େ ଉପଯୁକ୍ତ ମାଇକ୍ ବ୍ୟବସ୍ଥା । ୫୦୦ ଫୁଟ ଦୀର୍ଘ ମୁକ୍ତାକାଶ ବିରାଟପ୍ରେକ୍ଷା ପାଇଁ ବହୁତ ଶକ୍ତିଶାଳୀ ମାଇକ ଦରକାର ପଡ଼େ । ଗଡ଼ଖାଇର ଗୋଟିଏ କୂଳରେ ନିର୍ମିତ ମଂଚରେ ଅଭିନୟ ହେବ, ସଂଳାପ ଉଚ୍ଚାରିତ ହେବ, ଗୀତ ବାଜିବ ଓ ଖାଇର ଅନ୍ୟ କୂଳରେ ହଜାର ହଜାର ଦର୍ଶକ ମାନେ ତାହା ଶୁଣିବେ । ମାଇକ ବ୍ୟବସ୍ଥା କରିବା ଆମ ପାଇଁ ଏକ Challenge ଥିଲା ।

ପ୍ରଥମେ କିଛି ବର୍ଷ ଆମେ ସରକାରଙ୍କ ଲୋକସଂପର୍କ ବିଭାଗରୁ ମାଇକ୍ ଆଣିଥିଲୁ । ମାତ୍ର ପରେ କଟକର ପ୍ରସିଦ୍ଧ Radio Lite ସଂସ୍ଥାର ମାଲିକ ଶ୍ରୀ ମୋତିଉର୍ ରହେମାନ୍ ବାବୁ ବିରାଟପ୍ରେକ୍ଷାରେ ଆମ ପାଇଁ ମାଇକ ବ୍ୟବସ୍ଥା କଲେ । ଏ କାର୍ଯ୍ୟ ପାଇଁ ଦୁଇ ତିନି ଦିନ ଲାଗେ । ଏଥିପାଇଁ ତାଙ୍କୁ ଅନେକ ନୂଆ ନୂଆ ଶକ୍ତିଶାଳୀ ଉପକରଣ କିଣିବାକୁ ପଡ଼ିଥିଲା । ମାଇକ୍ ବ୍ୟବସ୍ଥା ହୋଇଗଲା ପରେ ଯେତେବେଳେ Hello, Hello, Mike Testing - One-Two-Three ଶବ୍ଦ ଆମ କାନରେ ବାଜେ ସେତେବେଳେ ଏକ ନବ ଉତ୍ସାହର ଶାହାନାଇ ସତେ ଯେମିତି ଆମ ମନରେ ବାଜିଉଠେ ।

ମୁକ୍ତାକାଶ ବିରାଟପ୍ରେକ୍ଷାରେ ନାଟକ ପ୍ରଦର୍ଶନ ପାଇଁ ଆଉ ଗୋଟିଏ ଆବଶ୍ୟକତା ହେଉଛି ଉପଯୁକ୍ତ ଆଲୋକ ବ୍ୟବସ୍ଥା । ପ୍ରଥମେ ପ୍ରଥମେ ଆମେ ସରକାରଙ୍କଠାରୁ ମଞ୍ଚ ଆଲୋକ ଉପକରଣ ପାଇଥିଲୁ । ତାପରେ ବିଚିତ୍ରାନନ୍ଦ ବାବୁ ଆମର ସେହି ଦାୟିତ୍ୱ ଗ୍ରହଣ କରିଥିଲେ । ପରେ ଆଲୋକ ସମ୍ପାତ ବିଶାରଦ ଅଭିଜ୍ଞ ହରିଶ ମହାନ୍ତି ଆମ ବିରାଟପ୍ରେକ୍ଷାରେ ମଞ୍ଚ ଆଲୋକ ବ୍ୟବସ୍ଥାର ଦାୟିତ୍ୱ ନେଲେ । ତାଙ୍କର ଆଧୁନିକ ଉପକରଣର ଉଜ୍ଜ୍ୱଳ ଆଲୋକ ସ୍ପର୍ଶରେ ଆମର ରଙ୍ଗମଞ୍ଚ ନବବଧୂ ପରି ଲାବଣ୍ୟମୟୀ ହୋଇଉଠିଲା । ଆମ ତରଫରୁ ଆଲୋକ ବ୍ୟବସ୍ଥାର କଣ୍ଟ୍ରୋଲ୍‌ରେ ଥାଆନ୍ତି ବନ୍ଧୁ ଜାନକୀ ବଲ୍ଲଭ ଦାଶ ଓ ତାଙ୍କର ସାଥୀମାନେ । ହାତରେ ସେ ଧରିଥାନ୍ତି ସ୍କ୍ରିପ୍ଟର ଗୋଟିଏ କପି । ସୁଦୀର୍ଘ ବିରାଟପ୍ରେକ୍ଷାକୁ ଚାରି ପାଞ୍ଚୋଟି ଲାଇଟ୍ ଜୋନ୍‌ରେ ବିଭକ୍ତ କରାଯାଇଥାଏ । ମୁକ୍ତାକାଶ ପ୍ରାଙ୍ଗଣର ଅନେକ ସ୍ଥାନରେ flood Light ର ବ୍ୟବସ୍ଥା ରହିଥାଏ । ସ୍କ୍ରିପ୍ଟର ଆବଶ୍ୟକତା ଅନୁସାରେ ଗୋଟିଏ ଜୋନ୍‌ର ଆଲୋକ ଲିଭିଗଲେ ଆଉ ଗୋଟିଏ ଜୋନ୍‌ର ଆଲୋକ ଜଳିଉଠେ । ବିରାଟପ୍ରେକ୍ଷାରେ ଗୀତିନାଟ୍ୟକୁ ଆକର୍ଷଣୀୟ କରିବା ପାଇଁ ଅନେକ ବିଶେଷ ଦୃଶ୍ୟର ଆୟୋଜନ କରାଯାଏ । ମୁକ୍ତାକାଶ ମଞ୍ଚ ପ୍ରାଙ୍ଗଣରେ ରଥ ଚାଲେ । ପାଲିଙ୍କିରେ ରାଣୀ ଆସନ୍ତି । କାଳୀ ତାଙ୍କର ଚଣ୍ଡି ଚାମୁଣ୍ଡାଙ୍କୁ ଧରି ପ୍ରାଙ୍ଗଣରେ ବିଚରଣ କରନ୍ତି । ମା' ଦୁର୍ଗା ଚଣ୍ଡ ମୁଣ୍ଡଙ୍କ ସହିତ ମୁକ୍ତାକାଶ ପ୍ରାଙ୍ଗଣରେ ନୃତ୍ୟ କରନ୍ତି । ଭୀମ ଶଗଡ଼ ଉପରେ ମଣ୍ଡାପିଠା, କଦଳୀ କାନ୍ଦି, ମାଲପୁଆ, ଖିରି, ନଡ଼ିଆ, ପନିପରିବା ରଖି ଶଗଡ଼ ଟାଣି ଟାଣି ନେଇଯାଏ । ବକାସୁରର କ୍ଷୁଧା ମେଣ୍ଟାଇବା ପାଇଁ ଓ ଶେଷରେ ତାକୁ ବଧ କରେ । ମୁକ୍ତାକାଶ ପ୍ରାଙ୍ଗଣରେ ଜତୁ ଗୃହରେ ଅଗ୍ନି ସଂଯୋଗ ହେଲା ପରେ ତାହା ଜଳିଉଠେ । ପାଣ୍ଡବମାନେ ମାତା କୁନ୍ତୀଙ୍କ ସହିତ ଗଡ଼ଖାଇର ଜଳାଧାରରେ ଡଙ୍ଗା ଉପରେ ଚାଲି ଯାଆନ୍ତି ନିଜର ଅଜ୍ଞାତବାସ ପାଇଁ । ଏସବୁ ଦୃଶ୍ୟ ପାଇଁ ବିରାଟପ୍ରେକ୍ଷାରେ ଭିନ୍ନ ଭିନ୍ନ ଲାଇଟ୍ ଜୋନ୍ ନିର୍ଭୁଲ ଭାବରେ ଆଲୋକିତ ଓ ନିର୍ବାପିତ ହେବା ଦରକାର ପଡ଼େ । ଏହା ଉପରେ ଗୀତିନାଟ୍ୟ ପ୍ରଦର୍ଶନର ସଫଳତା ସଂପୂର୍ଣ୍ଣ ନିର୍ଭର କରେ ।

ଗୀତିନାଟ୍ୟର ଆଉ ଗୋଟିଏ ଆକର୍ଷଣ ହେଲା ପାଣ୍ଡବ କୌରବ ପକ୍ଷ ମଧ୍ୟରେ ଯୁଦ୍ଧ ଏବଂ ରାମଙ୍କ ବାନର ସେନା ସହିତ ରାବଣର ସୈନ୍ୟମାନଙ୍କ ଯୁଦ୍ଧ । ବିରାଟପ୍ରେକ୍ଷାର ମୁକ୍ତାକାଶ ପ୍ରାଙ୍ଗଣ ହୋଇଯାଏ ରଣଭୂମି । ଯୁଦ୍ଧଭୂମିର ଗୋଟିଏ ପଟରୁ ଅନ୍ୟ ପଟକୁ ବାରମ୍ବାର ଶର ନିକ୍ଷେପିତ ହୁଏ । କର୍ଣ୍ଣ ଅର୍ଜୁନଙ୍କୁ ଶର ମାରନ୍ତି ଓ ଅର୍ଜୁନ ତାହାର ପ୍ରତ୍ୟୁତ୍ତର ତୀରରେ ଦିଅନ୍ତି । ଏ ସବୁ ଦୃଶ୍ୟର ନେପଥ୍ୟରେ ଥାଆନ୍ତି ନିମଚୌଡ଼ିର ପ୍ରସିଦ୍ଧ ବାଣ ବ୍ୟବସାୟୀ ବସନ୍ତ ଲାଲ ଭଗତ ଓ ତାଙ୍କର ସୁପୁତ୍ର ବିଜୟ କୁମାର ଭଗତ । ଆମର ଗୀତିନାଟ୍ୟ ପାଇଁ ସେ ପ୍ରତିବର୍ଷ ଆମକୁ ବିଶେଷ ଭାବରେ ନିର୍ମିତ ହାବେଲି ଓ ଚକ୍ରବାଣ ଦିଅନ୍ତି । ଏହାହିଁ ହୋଇଯାଏ ରଣାଙ୍ଗନ ଶର । ଶର ନିକ୍ଷେପ ବେଳେ ହାବେଲି ବାଣ ପ୍ରୟୋଗ କରାଯାଏ । ଏହାର ଦାୟିତ୍ୱରେ ଥାଆନ୍ତି ବନ୍ଧୁ ଜାନକୀବଲ୍ଲଭ ଓ ତାଙ୍କର ଟିମ୍ । ମଞ୍ଚ ପଛରେ ସେମାନେ ଲୁଚି ରହିଥାନ୍ତି । ଅର୍ଜୁନ ଗର୍ଜି ଉଠି ସଂଳାପ କହି କର୍ଣ୍ଣଙ୍କୁ ଶର ମାରିଲା ବେଳେ ବନ୍ଧୁ ଜାନକୀ ନିଜ ସିଗାରେଟ୍ ଲାଇଟର୍ ଜାଳି ହାବେଲିରେ ଅଗ୍ନି ସଂଯୋଗ କରି କର୍ଣ୍ଣ ଥିବା ମଞ୍ଚ ଆଡ଼କୁ ଜ୍ୱଳନ୍ତ ହାବେଲି ଛାଡ଼ି ଦିଅନ୍ତି । ଆକାଶ ହାବେଲିର ଆଲୋକରେ ଉଦ୍ଭାସିତ ହୋଇଉଠେ । ଏହି ମଞ୍ଚମାୟାରେ ଅଭିଭୂତ ହୋଇ ଦର୍ଶକମାନେ କରତାଳି ଦେଇ ନିଜର ଉପଭୋଗତ୍ୟା ଓ ଆନନ୍ଦ ପ୍ରକାଶ କରନ୍ତି । ବେଳେ ବେଳେ କିନ୍ତୁ ଗୋଟାଏ ଗୋଟାଏ ହାବେଲି ଦିଗହଜା ହୋଇ ଧୂମାଛନ୍ନ ଆକାଶରେ ଭୁଲ ଦିଗରେ ଗତି କରି ଦର୍ଶକମାନଙ୍କ

ଆଡ଼କୁ ମାଡ଼ିଯାଏ । ମାତ୍ର ଏ ପ୍ରକାର ତ୍ରୁଟି ପାଇଁ ଦର୍ଶକମାନେ ହସି ହସି ଅଧିକ ତାଳି ମାରନ୍ତି । ଆମେ ମଧ ଦର୍ଶକଙ୍କ ହସ ସହିତ ତାଳ ଦେଇ ହସି ଉଠୁ ଓ ତ୍ରୁଟି ସ୍ୱୀକାର କରୁ । ଗୀତିନାଟ୍ୟ ଅଭିନୟ ଆଗେଇ ଚାଲେ ।

ବିରାଟ ପ୍ରେକ୍ଷାର ଗୋଟିଏ ଉପଯୁକ୍ତ ସ୍ଥାନରେ ତିଆରି ହୋଇଥାଏ ସଙ୍ଗୀତ ମଞ୍ଚ (Music pit) ଯାହା ଉପରୁ ସବୁ ମଞ୍ଚ ଦେଖାଯାଏ । ତା ତଳେ ରହିଥାଏ ମାଇକ କଣ୍ଟ୍ରୋଲ୍ ଉପକରଣ । ତାର ଉଭୟ କଡ଼ରେ ଥାଏ କଳାକାରମାନଙ୍କ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର । ସଙ୍ଗୀତ ମଞ୍ଚ ପଟାରେ ତିଆରି ହୋଇଥାଏ । ତା ଉପରେ ପଡ଼ିଥାଏ ଦରି । ଏହି ମଞ୍ଚରେ ବସନ୍ତି ଗାୟକ, ଗାୟିକା, ବାଦ୍ୟକାର, ବିଗୁଲ, କର୍ଣ୍ଣେଟ୍ ବାଦକ । ହାରମୋନିୟମ୍‌ରେ ଥାଆନ୍ତି ଗଙ୍ଗାଧର । ଢୋଲକିରେ ଥାଆନ୍ତି ବୈକୁଣ୍ଠ ଆଉ ଅଶୋକ । ଯୋଡ଼ିନାଗରାରେ ଥାଆନ୍ତି କୁମର ନାୟକ । ଗୀତ ଗାଇବା ପାଇଁ ଥାଆନ୍ତି କିଶୋର କବି ଶ୍ୟାମସୁନ୍ଦର, ନିର୍ମଳ ସେନ୍, ଦେବାଶିଷ (ଲବା), ଅଶୋକ ମହାରଣା, ଭରତ ସେଠୀ, ଦୟାନିଧି, ନାରାୟଣ ସିଂହ, ଲିନା, ବନଲକ୍ଷ୍ମୀ ଓ ଅନ୍ୟମାନେ । ତାଙ୍କର ମଝିରେ ବସନ୍ତି ସଙ୍ଗୀତ ପରିଚାଳକ ଚୌଧୁରୀ ଭାରତୀକୃଷ୍ଣ । ନାଟକ ଆରମ୍ଭରୁ ବାଜେ ଗୀତିନାଟ୍ୟର ସଙ୍କେତ ଧୁନ୍ । ଏହା ବାଜିଲେ ସମସ୍ତେ ସତର୍କ ହୋଇଯାଆନ୍ତି । ଦର୍ଶକମାନେ ବୁଝନ୍ତି ଯେ ଯାତ୍ରା ଆରମ୍ଭ ହେଲା । ଢୋଲକି ବାଦନର କମ୍ପନରେ ସଙ୍ଗୀତ ମଞ୍ଚ ଥରି ଉଠେ । ବେଳେ ବେଳେ ଭୟ ବି ଲାଗେ ।

Music Pit କଥା ମନେ ପଡ଼ିଲେ ମନେ ପଡ଼େ ବେନ୍‌ଜୋ ମାଷ୍ଟର ଶ୍ରୀ ରାମୁଲୁଙ୍କ କଥା । ସେ ଖୋର୍ଦ୍ଧାରୁ ଆସନ୍ତି । ଯେମିତି ଶୀତଦିନ ଆସିଲେ ସୁଦୂର ସାଇବେରିଆରୁ ପକ୍ଷୀମାନେ ଉଡ଼ି ଆସନ୍ତି ଚିଲିକା କୂଳକୁ, ଠିକ୍ ସେମିତି କାର୍ତ୍ତିକ ପୁନେଇ ଆସିଲେ ଶ୍ରୀ ରାମୁଲୁ ହାତରେ ତାଙ୍କର ବେନ୍‌ଜୋ ଧରି ଆମର କାର୍ଯ୍ୟକ୍ରମ ପାଇଁ ଚାଲିଆସନ୍ତି ବିରାଟପ୍ରେକ୍ଷାର ସଙ୍ଗୀତ ମଞ୍ଚକୁ । ଆମ ଗୀତିନାଟ୍ୟର ଭିନ୍ନ ଭିନ୍ନ ଦୃଶ୍ୟରେ ସେ ଭିନ୍ନ ଭିନ୍ନ ଧୂନ୍‌ରେ ପ୍ରଚ୍ଛଦପଟ ସଙ୍ଗୀତ ବଜାନ୍ତି । ସକାଳ ଦୃଶ୍ୟରେ ଅହିର ଭୈରବ, ସନ୍ଧ୍ୟା ଦୃଶ୍ୟରେ ଇମନ, ପ୍ରେମସିକ୍ତ ଦୃଶ୍ୟରେ ରାଗ କଳାବତୀ ବା ରାଗ ବସନ୍ତର ଧୂନ ତାଙ୍କ ବେନ୍‌ଜୋରେ ବାଜି ଉଠେ । Tension ଭରା ଦୃଶ୍ୟରେ ସେ ବଜାନ୍ତି କ୍ଷିପ୍ର ଗତିରେ ଝାଲ୍ଲା । ତାଙ୍କର ବେନ୍‌ଜୋ ବାଦନରେ ସମସ୍ତେ ବିଭୋର ହୋଇପଡ଼ନ୍ତି । ଆମ ଗୀତିନାଟ୍ୟ ରସାଣିତ ହୋଇଉଠେ ।

ଆମ ସଙ୍ଗୀତ ମଞ୍ଚର ଆଉ ଜଣେ ରତ୍ନ ହେଉଛନ୍ତି କିଶୋରକବି ଶ୍ୟାମସୁନ୍ଦର ଦାସ । ଜଣେ ଅମାୟିକ ବ୍ୟକ୍ତି । ଅଳ୍ପ କଥା କହନ୍ତି । ମାତ୍ର ତାଙ୍କ ଗାୟନରେ ଥାଏ ଏକ ଅପୂର୍ବ ସାଙ୍ଗିତିକ ମାଧୁର୍ଯ୍ୟ । ବିଶେଷ କରି ଗୀତିନାଟ୍ୟର ଅନ୍ତିମ ଦୃଶ୍ୟରେ ତାଙ୍କ ଦରଦି କଣ୍ଠରୁ ଝରିପଡ଼େ ଅତ୍ୟନ୍ତ ମର୍ମସ୍ପର୍ଶୀ ଗୀତ । ଗୋଟିଏ ଦୃଶ୍ୟ ଏବେ ବି ମନରେ ଅଭୁଲା ହୋଇ ରହିଛି ।

ରଣଭୂମିରେ ଜଳୁଥାଏ ଶହ ଶହ ନିଆଁହୁଳା । ସେଇ ନିଆଁ ଭିତରେ ଦୁର୍ଯ୍ୟୋଧନ ଦେଖୁଥାନ୍ତି ତାଙ୍କର ପ୍ରିୟ ବନ୍ଧୁ ଆଉ ସହୋଦରମାନଙ୍କର ଶହ ଶହ ଶବ । ଦୁର୍ଯ୍ୟୋଧନ ଦୁଃଖରେ ଭାଙ୍ଗି ପଡୁଥାନ୍ତି । ଅତି କରୁଣ ସେ ଦୃଶ୍ୟ । ସେହି ଦୃଶ୍ୟରେ ମାଇକରେ ଭାସି ଆସେ ଶ୍ୟାମବାବୁଙ୍କ ଅତ୍ୟନ୍ତ ମନଛୁଆଁ କରୁଣ ଗୀତ –

ସଖା ବୀରବର ଶିରୋମଣି
ନ ସରିବ ତବ ଗୁଣ ହୁଣି
ଅଣମାଦି ସୁଖ ଗୁଞ୍ଜାଇବୁ ବୋଲି
କହିଥିଲୁ ପାଣ୍ଡବଙ୍କୁ ଜିଣି ହେ ଭୋ ମିତ୍ର ।।

ରଣଭୂମିରେ ଶତାଧିକ ନିଆଁହୁଳାର ଦୃଶ୍ୟ, ଦୁର୍ଯ୍ୟୋଧନଙ୍କ ଦୁଃଖାଭିନୟ, ଓ ଶ୍ୟାମବାବୁଙ୍କ ଦରଦୀ କଣ୍ଠରେ କରୁଣ ଗୀତ ପରିବେଶକୁ ନାଟକୀୟ ମାୟାରେ ମନୋଜ୍ଞ କରିଦିଏ । ଦର୍ଶକମାନେ ଏକ ସମ୍ମୋହନରେ ଅଭିଭୂତ ହୋଇପଡ଼ନ୍ତି । ସେମାନଙ୍କ ଆଖିରୁ ଝରିପଡ଼େ ଲୁହ । ଆମ ଶ୍ରମ ସାର୍ଥକ ହୁଏ ।

ଆମ କାର୍ଯ୍ୟକ୍ରମର ସଫଳତାର ନେପଥ୍ୟରେ ରହିଥାଏ ଆଉ ଜଣଙ୍କର ଅବଦାନ । ସେ ହେଉଛି "ମଂଚରୂପା"ର ରାମଚନ୍ଦ୍ର ଦାସ । ସେ ଆମର Dresser ଓ Makeup man. ତାଙ୍କ ସାଥୀମାନେ ହେଲେ ଶ୍ରୀ ନାରାୟଣ ସାହୁ, ଭଗବାନ, ଅଚ୍ୟୁତି ମହାରଣା, ନାରଣ ନାଏକ ଇତ୍ୟାଦି । ତାଙ୍କ ରଙ୍ଗତୁଳୀର ଯାଦୁକରୀ ସ୍ପର୍ଶରେ ଆମ କଳାକାରମାନେ କେତେ ଘଣ୍ଟା ପାଇଁ ହୋଇଯାନ୍ତି ରାମ, ଲକ୍ଷ୍ମଣ, ସୀତା, ରାବଣ, ଦ୍ରୋଣ, ଭୀଷ୍ମ, ଅର୍ଜୁନ, କର୍ଣ୍ଣ, ବୃହନ୍ନଳା ଇତ୍ୟାଦି। କଳାକାରମାନଙ୍କ ପ୍ୟାଣ୍ଟ, ସାର୍ଟ, ଗଞ୍ଜି, ପୋଷାକ ଗ୍ରୀନ୍ ରୁମ୍‌ରେ ପଡ଼ିଥାଏ । ରାମ ଓ ତାଙ୍କ ସାଥୀମାନେ ସୁନ୍ଦର ସୁନ୍ଦର ରୂପେଲି ସୁନେଲି ଜରି ଲାଗିଥିବା ପୋଷାକ ଓ ଶାଢ଼ୀ ପିନ୍ଧାଇ ଆମ କଳାକାରମାନଙ୍କୁ ବିଭିନ୍ନ ଚରିତ୍ର ପାଇଁ ପ୍ରସ୍ତୁତ କରି ଦିଅନ୍ତି । ମୁହଁରେ ରଙ୍ଗ ବୋଳା ହେଲା ପରେ ଓ ଦେହରେ ରଙ୍ଗୀନ ଜରିଲଗା ପୋଷାକ ପିନ୍ଧିଲା ପରେ ବନ୍ଧୁମାନେ ନିଜକୁ ସମ୍ପୂର୍ଣ୍ଣରୂପେ ଭୁଲିଯାନ୍ତି । ସେମାନେ ମଞ୍ଚର ଉଦ୍ଭାସିତ ଆଲୋକ ଭିତରେ ହୋଇଯାନ୍ତି ଅଭିନେତା ଓ କହିଚାଲନ୍ତି ନାଟକୀୟ ସଂଳାପ ।

ମଞ୍ଚରେ ସଫଳ ଅଭିନୟ କରିବାକୁ ହେଲେ ଭଲ ଭାବରେ ରିହରସାଲ୍ କରିବା ଦରକାର ପଡ଼େ । ତେଣୁ ପ୍ରତ୍ୟେକ ମଞ୍ଚାଭିନୟ ପୂର୍ବରୁ ଆମର କଳାକାରମାନେ କିଛି ଦିନ ପାଇଁ ରିହରସାଲ୍ କରନ୍ତି । ସଂଳାପ ଅଭ୍ୟାସ କରନ୍ତି । ଏ ରିହରସାଲ୍ ଆମ ଘରେ, ଆମ ସାହିର ଗଣେଶ ମନ୍ଦିରରେ,. ବନ୍ଧୁ ନାରାୟଣ ଓ ନିର୍ମଳଙ୍କ ଘରେ, ଜନତା ରଙ୍ଗମଞ୍ଚର ଭଙ୍ଗା ଘରେ ଚାଲେ । ରିହରସାଲକୁ ଟିଫିନ୍ ଆସେ । ଚାହା ଆସେ । ସେତିକିରେ ସମସ୍ତେ ଖୁସି । ଅନେକ ସମୟରେ ଚିନାବାଦାମ ଆସେ ଓ ସମସ୍ତଙ୍କୁ ବାଣ୍ଟି ଦିଆଯାଏ । ଆମ ରିହାରସାଲରେ ବେଳେ ବେଳେ ଚିନାବାଦାମ ଚୋରି ହୁଏ । ଚିନାବାଦାମ ଚୋର ଧରାପଡ଼େ । ଦଣ୍ଡ ସ୍ୱରୂପ ସେ ହାତରୁ ପଇସା ଖର୍ଚ୍ଚ କରି ସାଥୀ କଳାକାରମାନଙ୍କ ପାଇଁ ଅଧିକ ଚିନାବାଦାମ କିଣିକରି ଆଣେ । ଏହା ଏକ ମଧୁର ସ୍ମୃତି । ରିହରସାଲ ବେଳେ କଳାକାରମାନଙ୍କୁ ଆପ୍ୟାୟିତ କରିବା ପାଇଁ ଥାଆନ୍ତି ଆମ ଅନୁଷ୍ଠାନର ବୀର ସୈନିକ ଛୋଟୁ, ନନ୍ଦୁ ଓ ସତ୍ୟନାରାୟଣ ଦାସ।

କଥାରେ ଅଛି ପ୍ରତ୍ୟେକ କାର୍ଯ୍ୟର ସଫଳତା ପଛରେ ଥାଏ ନାରୀଶକ୍ତିର ପ୍ରୋତ୍ସାହନ । ସଂସ୍କୃତିବିହାରକୁ ସଶକ୍ତ କରିବା ପାଇଁ ଆମ ସହଧର୍ମିଣୀମାନଙ୍କ ବହୁତ ଅବଦାନ ରହିଛି । ସେମାନଙ୍କ ନିବିଡ଼ ଆତ୍ମୀୟତା, ନିଃସ୍ୱାର୍ଥପର ସାହାଯ୍ୟ ଓ ସହଯୋଗ ଯୋଗୁ ଆମ ଅନୁଷ୍ଠାନ ପଚାଶ ବର୍ଷ ଧରି ସକ୍ରିୟ ହୋଇ ରହିପାରିଛି । ସେଇମାନେ ହିଁ ଆମକୁ ଶିକ୍ଷା ଦେଇଛନ୍ତି ଯେ ସଂସ୍କୃତିବିହାର ଖାଲି ଗୋଟାଏ ହୃଦୟହୀନ ସଂସ୍ଥା ନୁହେଁ ଏହା ସ୍ନେହ, ପ୍ରେମ ଓ ବନ୍ଧୁତାର ସଂଜୀବନୀରେ ସଂଜୀବିତ ଏକ ମନୋଜ୍ଞ ପରିବାର । ନିଜ ନିଜର ପାରିବାରିକ ଦାୟିତ୍ୱ ସୁଚାରୁରୂପେ ସମ୍ପନ୍ନ କରି ସେମାନେ ଚାଲି ଆସୁଥିଲେ, ଆମ ଘରେ ଚାଲୁଥିବା ରିହାରସାଲରେ ଆମକୁ ସାହାଯ୍ୟ କରିବା ପାଇଁ ଓ ଆମକୁ ଉତ୍ସାହିତ କରିବା ପାଇଁ । ଆମ ରୋଷେଇ ଘର ସେମାନଙ୍କ କଣ୍ଟ୍ରୋଲ୍‌କୁ ଚାଲିଯାଏ । ରୋଷେଇ ଘରେ ସେମାନଙ୍କର ନାରୀସୁଲଭ କଥାର ପେଡ଼ି ଖୋଲିଯାଏ । ଆଉ ତାରି ଭିତରେ ଚାଲେ ସମବେତ ଅଟା ଚକଟା ଓ ପୁରି ଛଣା । ତା ସାଙ୍ଗକୁ ତିଆରି ହୋଇଯାଏ matching ଆଳୁବୁଟ ତରକାରି । ବେଳେ ବେଳେ ସୁଜିର ହାଲୁଆ । ଗରମ ଗରମ ପୁରି ତରକାରି ଓ ସୁଜି ହାଲୁଆ ଆମ ରିହରସାଲକୁ ଜମେଇ ଦିଏ । ରୋଷେଇଶାଳାରେ ଦେବୀ ଅନ୍ନପୂର୍ଣ୍ଣାମାନେ ହେଲେ ବନ୍ଧୁ ଚନ୍ଦ୍ରଶେଖରଙ୍କ ଧର୍ମପତ୍ନୀ ବିଜୟଲକ୍ଷ୍ମୀ ମିଶ୍ର (ମିନା ଦେବୀ), ବନ୍ଧୁ ନିର୍ମଳଙ୍କ ସ୍ତ୍ରୀ ବଙ୍ଗଲଳନା ତପତି ସେନ୍, ଅନୁଜ ନିମାନନ୍ଦଙ୍କ ଧର୍ମପତ୍ନୀ ସାଧନା ପାତ୍ର, ବନ୍ଧୁ ନାରାୟଣଙ୍କ ସହଧର୍ମିଣୀ ରେବତୀ ସିଂହ, ମୋ ନିଜର ଧର୍ମପତ୍ନୀ ଜ୍ୟୋତ୍ସ୍ନା ସିଂହ, ଆମର ମା ସମାନ ଅଗ୍ରଜ ବୈଷ୍ଣବ ଭାଇଙ୍କ ଧର୍ମପତ୍ନୀ ଓ ଆମ ସମସ୍ତଙ୍କର ପ୍ରିୟ ଭାଉଜ ମନୋରମା ସାହୁ । ଏମାନେ ସଂସ୍କୃତିବିହାର କାହାଣୀର ଅବିଚ୍ଛେଦ୍ୟ ପରିଚ୍ଛେଦ୍ୟ ।

ସଂସ୍କୃତି ବିହାରର ପ୍ରାରମ୍ଭରେ ନାରୀଚରିତ୍ରରେ ଅଭିନୟ କରିବା ପାଇଁ ଝିଅମାନଙ୍କର ଅଭାବ ଏକ ବଡ଼ ସମସ୍ୟା ଥିଲା । ପଚାଶ ବର୍ଷ ତଳେ ସାମାଜିକ ଚଳଣି ଅଲଗା ଥିଲା । ଝିଅମାନେ ମଞ୍ଚ ଉପରେ ଅଭିନୟ କରିବା ପାଇଁ କୁଣ୍ଠାବୋଧ କରୁଥିଲେ । ଆମ ରଙ୍ଗମଞ୍ଚ ପୁଣି ବାରବାଟୀ କିଲ୍ଲା ପଡ଼ିଆର ମୁକ୍ତାକାଶ ବିରାଟପ୍ରେକ୍ଷା । ଝିଅ ଆସିବେ କୁଆଡୁ । ଏ ସମସ୍ୟା ବଡ଼ ଜଟିଳ ଥିଲା । ମାତ୍ର ଏହାର ସମାଧାନର ବାଟ ଖୋଲିଦେଲେ ଆମର କଳାକାର ଭାଇମାନେ । ସେମାନେ ହେଲେ ଦେବ ସିଂହ, ବାବାଜୀ, ନିର୍ମଳ, ପ୍ରଫୁଲ୍ଲ ସିଂହ,

ଆମ କାର୍ଯ୍ୟକ୍ରମର ସଫଳତାର ନେପଥ୍ୟରେ ରହିଥାଏ ଆଉ ଜଣଙ୍କର ଅବଦାନ । ସେ ହେଉଛି "ମଂଚରୂପା"ର ରାମଚନ୍ଦ୍ର ଦାସ । ସେ ଆମର Dresser ଓ Makeup man. ତାଙ୍କ ସାଥୀମାନେ ହେଲେ ଶ୍ରୀ ନାରାୟଣ ସାହୁ, ଭଗବାନ, ଅଚ୍ୟୁତି ମହାରଣା, ନାରଣ ନାଏକ ଇତ୍ୟାଦି । ତାଙ୍କ ରଙ୍ଗତୁଳୀର ଯାଦୁକରୀ ସ୍ପର୍ଶରେ ଆମ କଳାକାରମାନେ କେତେ ଘଣ୍ଟା ପାଇଁ ହୋଇଯାନ୍ତି ରାମ, ଲକ୍ଷ୍ମଣ, ସୀତା, ରାବଣ, ଦ୍ରୋଣ, ଭୀଷ୍ମ, ଅର୍ଜ୍ଜୁନ, କର୍ଣ୍ଣ, ବୃହନ୍ନଳା ଇତ୍ୟାଦି । କଳାକାରମାନଙ୍କ ପ୍ୟାଣ୍ଟ, ସାର୍ଟ, ଗଞ୍ଜି, ପୋଷାକ ଗ୍ରୀନ୍ ରୁମ୍‌ରେ ପଡ଼ିଥାଏ । ରାମ ଓ ତାଙ୍କ ସାଥୀମାନେ ସୁନ୍ଦର ସୁନ୍ଦର ରୂପେଲି ସୁନେଲି ଜରି ଲାଗିଥିବା ପୋଷାକ ଓ ଶାଢ଼ୀ ପିନ୍ଧାଇ ଆମ କଳାକାରମାନଙ୍କୁ ବିଭିନ୍ନ ଚରିତ୍ର ପାଇଁ ପ୍ରସ୍ତୁତ କରି ଦିଅନ୍ତି । ମୁହଁରେ ରଙ୍ଗ ବୋଳା ହେଲା ପରେ ଓ ଦେହରେ ରଙ୍ଗୀନ ଜରିଲଗା ପୋଷାକ ପିନ୍ଧିଲା ପରେ ବନ୍ଧୁମାନେ ନିଜକୁ ସମ୍ପୂର୍ଣ୍ଣରୂପେ ଭୁଲିଯାନ୍ତି । ସେମାନେ ମଞ୍ଚର ଉଦ୍ଭାସିତ ଆଲୋକ ଭିତରେ ହୋଇଯାନ୍ତି ଅଭିନେତା ଓ କହିଚାଲନ୍ତି ନାଟକୀୟ ସଂଳାପ ।

ମଞ୍ଚରେ ସଫଳ ଅଭିନୟ କରିବାକୁ ହେଲେ ଭଲ ଭାବରେ ରିହରସାଲ୍ କରିବା ଦରକାର ପଡ଼େ । ତେଣୁ ପ୍ରତ୍ୟେକ ମଞ୍ଚାଭିନୟ ପୂର୍ବରୁ ଆମର କଳାକାରମାନେ କିଛି ଦିନ ପାଇଁ ରିହରସାଲ୍ କରନ୍ତି । ସଂଳାପ ଅଭ୍ୟାସ କରନ୍ତି । ଏ ରିହରସାଲ୍ ଆମ ଘରେ, ଆମ ସାହିର ଗଣେଶ ମନ୍ଦିରରେ,. ବନ୍ଧୁ ନାରାୟଣ ଓ ନିର୍ମଳଙ୍କ ଘରେ, ଜନତା ରଙ୍ଗମଞ୍ଚର ଭଙ୍ଗା ଘରେ ଚାଲେ । ରିହରସାଲକୁ ଟିଫିନ୍ ଆସେ । ଚାହା ଆସେ । ସେତିକିରେ ସମସ୍ତେ ଖୁସି । ଅନେକ ସମୟରେ ଚିନାବାଦାମ ଆସେ ଓ ସମସ୍ତଙ୍କୁ ବାଣ୍ଟି ଦିଆଯାଏ । ଆମ ରିହାରସାଲରେ ବେଳେ ବେଳେ ଚିନାବାଦାମ ଚୋରି ହୁଏ । ଚିନାବାଦାମ ଚୋର ଧରାପଡ଼େ । ଦଣ୍ଡ ସ୍ୱରୂପ ସେ ହାତରୁ ପଇସା ଖର୍ଚ୍ଚ କରି ସାଥୀ କଳାକାରମାନଙ୍କ ପାଇଁ ଅଧିକ ଚିନାବାଦାମ କିଣିକରି ଆଣେ । ଏହା ଏକ ମଧୁର ସ୍ମୃତି । ରିହରସାଲ ବେଳେ କଳାକାରମାନଙ୍କୁ ଆପ୍ୟାୟିତ କରିବା ପାଇଁ ଥାଆନ୍ତି ଆମ ଅନୁଷ୍ଠାନର ବୀର ସୈନିକ ଛୋଟୁ, ନନ୍ଦୁ ଓ ସତ୍ୟନାରାୟଣ ଦାସ ।

କଥାରେ ଅଛି ପ୍ରତ୍ୟେକ କାର୍ଯ୍ୟର ସଫଳତା ପଛରେ ଥାଏ ନାରୀଶକ୍ତିର ପ୍ରୋତ୍ସାହନ । ସଂସ୍କୃତିବିହାରକୁ ସଶକ୍ତ କରିବା ପାଇଁ ଆମ ସହଧର୍ମିଣୀମାନଙ୍କ ବହୁତ ଅବଦାନ ରହିଛି । ସେମାନଙ୍କ ନିବିଡ଼ ଆତ୍ମୀୟତା, ନିଃସ୍ୱାର୍ଥପର ସାହାଯ୍ୟ ଓ ସହଯୋଗ ଯୋଗୁ ଆମ ଅନୁଷ୍ଠାନ ପଚାଶ ବର୍ଷ ଧରି ସକ୍ରିୟ ହୋଇ ରହିପାରିଛି । ସେଇମାନେ ହିଁ ଆମକୁ ଶିକ୍ଷା ଦେଇଛନ୍ତି ଯେ ସଂସ୍କୃତିବିହାର ଖାଲି ଗୋଟାଏ ହୃଦୟହୀନ ସଂସ୍ଥା ନୁହେଁ ଏହା ସ୍ନେହ, ପ୍ରେମ ଓ ବନ୍ଧୁତାର ସଂଜୀବନୀରେ ସଂଜୀବିତ ଏକ ମନୋଜ୍ଞ ପରିବାର । ନିଜ ନିଜର ପାରିବାରିକ ଦାୟିତ୍ୱ ସୁଚାରୁରୂପେ ସମ୍ପନ୍ନ କରି ସେମାନେ ଚାଲି ଆସୁଥିଲେ, ଆମ ଘରେ ଚାଲୁଥିବା ରିହାରସାଲରେ ଆମକୁ ସାହାଯ୍ୟ କରିବା ପାଇଁ ଓ ଆମକୁ ଉତ୍ସାହିତ କରିବା ପାଇଁ । ଆମ ରୋଷେଇ ଘର ସେମାନଙ୍କ କଣ୍ଟ୍ରୋଲ୍‌କୁ ଚାଲିଯାଏ । ରୋଷେଇ ଘରେ ସେମାନଙ୍କର ନାରୀସୁଲଭ କଥାର ପେଡ଼ି ଖୋଲିଯାଏ । ଆଉ ତାରି ଭିତରେ ଚାଲେ ସମବେତ ଅଟା ଚକଟା ଓ ପୁରି ଛଣା । ତା ସାଙ୍ଗକୁ ତିଆରି ହୋଇଯାଏ matching ଆଳୁବୁଟ ତରକାରି । ବେଳେ ବେଳେ ସୁଜିର ହାଲୁଆ । ଗରମ ଗରମ ପୁରି ତରକାରି ଓ ସୁଜି ହାଲୁଆ ଆମ ରିହରସାଲକୁ ଜମେଇ ଦିଏ । ରୋଷେଇଶାଳାରେ ଦେବୀ ଅନ୍ନପୂର୍ଣ୍ଣାମାନେ ହେଲେ ବନ୍ଧୁ ଚନ୍ଦ୍ରଶେଖରଙ୍କ ଧର୍ମପତ୍ନୀ ବିଜୟଲକ୍ଷ୍ମୀ ମିଶ୍ର (ମିନା ଦେବୀ), ବନ୍ଧୁ ନିର୍ମଳଙ୍କ ସ୍ତ୍ରୀ ବଙ୍ଗଲଳନା ତପତି ସେନ୍, ଅନୁଜ ନିମାନନ୍ଦଙ୍କ ଧର୍ମପତ୍ନୀ ସାଧନା ପାତ୍ର, ବନ୍ଧୁ ନାରାୟଣଙ୍କ ସହଧର୍ମିଣୀ ରେବତୀ ସିଂହ, ମୋ ନିଜର ଧର୍ମପତ୍ନୀ ଜ୍ୟୋତ୍ସ୍ନା ସିଂହ, ଆମର ମା ସମାନ ଅଗ୍ରଜ ବୈଷ୍ଣବ ଭାଇଙ୍କ ଧର୍ମପତ୍ନୀ ଓ ଆମ ସମସ୍ତଙ୍କର ପ୍ରିୟ ଭାଉଜ ମନୋରମା ସାହୁ । ଏମାନେ ସଂସ୍କୃତିବିହାର କାହାଣୀର ଅବିଚ୍ଛେଦ୍ୟ ପରିଚ୍ଛେଦ୍ୟ ।

ସଂସ୍କୃତି ବିହାରର ପ୍ରାରମ୍ଭରେ ନାରୀଚରିତ୍ରରେ ଅଭିନୟ କରିବା ପାଇଁ ଝିଅମାନଙ୍କର ଅଭାବ ଏକ ବଡ଼ ସମସ୍ୟା ଥିଲା । ପଚାଶ ବର୍ଷ ତଳେ ସାମାଜିକ ଚଳଣି ଅଲଗା ଥିଲା । ଝିଅମାନେ ମଞ୍ଚ ଉପରେ ଅଭିନୟ କରିବା ପାଇଁ କୁଣ୍ଠାବୋଧ କରୁଥିଲେ । ଆମ ରଙ୍ଗମଞ୍ଚ ପୁଣି ବାରବାଟୀ କିଲ୍ଲା ପଡ଼ିଆର ମୁକ୍ତାକାଶ ବିରାଟପ୍ରେକ୍ଷା । ଝିଅ ଆସିବେ କୁଆଡୁ । ଏ ସମସ୍ୟା ବଡ଼ ଜଟିଳ ଥିଲା । ମାତ୍ର ଏହାର ସମାଧାନର ବାଟ ଖୋଲିଦେଲେ ଆମର କଳାକାର ଭାଇମାନେ । ସେମାନେ ହେଲେ ଦେବ ସିଂହ, ବାବାଜୀ, ନିର୍ମଳ, ପ୍ରଫୁଲ୍ଲ ସିଂହ,

ଶିବ ସିଂହ ଓ ଅନ୍ୟମାନେ । ସେମାନେ ରଙ୍ଗମଞ୍ଚକୁ ମନ୍ଦିର ମନେକଲେ ଓ ସେହି ମନ୍ଦିରରେ ଦେବଦାସୀ ପରି ନିଜକୁ ସମର୍ପିତ କରି ନାର ଭୂମିକାରେ ଅଭିନୟ କରିବା ପାଇଁ ଆଗେଇ ଆସିଲେ । ସେଇମାନେ ହୋଇଗଲେ ଆମର ଦ୍ରୌପଦୀ, ସୀତା, ସୌରନ୍ଧ୍ରୀ, ସଖୀଗଣ । ଏବେ କିନ୍ତୁ ସେ ସମସ୍ୟା ଆଉ ନାହିଁ । ସଂସ୍କୃତିବିହାର ଆଜି ଏକ ମର୍ଯ୍ୟାଦାପୂର୍ଣ୍ଣ ସୌଖୀନ ସଂସ୍ଥା । ଆମ ସହିତ ଏବେ ଅଛନ୍ତି ନମ୍ରତା ଦାସ (ଡଲି) ତୃପ୍ତି ସିହ୍ନା, ବେବି ପ୍ରଧାନ, ଅଙ୍ଗୁରବାଳା ରାୟ, ସ୍ୱର୍ଣ୍ଣପ୍ରଭା ଦାଶ, ଶୁଭଲକ୍ଷ୍ମୀ ରାମ, ସୁଲଗ୍ନା ନାୟକ (ମାମୋନି), ସୁନୀତା ସିଂହ (ସାନୁ) ସୋନାଲି ଦାସ ଓ ଅନ୍ୟମାନେ। ସେମାନଙ୍କ ଅଭିନୟ ନିପୁଣତାରେ ମଞ୍ଚ ଉପରେ ନାରୀ ଚରିତ୍ରମାନେ ଜୀବନ୍ତ ହୋଇ ଉଠନ୍ତି ।

ସଂସ୍କୃତିବିହାରର ସ୍ମୃତିଲିପିରେ ମୋର ଅନ୍ତରଙ୍ଗ ବନ୍ଧୁମାନଙ୍କ କଥା ଲିପିବଦ୍ଧ ନ ହେଲେ ତାହା କେବେ ସମ୍ପୂର୍ଣ୍ଣ ହେବ ନାହିଁ । ଆମ ପାଇଁ ସଂସ୍କୃତିବିହାର ହେଉଛି ପ୍ରକୃତରେ ଏକ ବନ୍ଧୁତାର ବିହାର ।

ବନ୍ଧୁ ଚନ୍ଦ୍ରଶେଖର ହେଉଛନ୍ତି ବହୁତ ଗୁଣୀ ଓ ଅଭିମାନୀ । ସେ ବନ୍ଧୁତାର କୋମଳ ଗାନ୍ଧାର । ହୃଦୟ ତାଙ୍କର କୋମଳ ପଦ୍ମଫୁଲ କଥାରେ ତାଙ୍କର ଥାଏ ମିଠା ପରିହାସ । ନାଟ୍ୟଶାସ୍ତ୍ର ସେ ପଢ଼ିଛନ୍ତି । ନାଟକ ଲେଖିବାରେ ସେ ଦକ୍ଷ । ତାଙ୍କର ରଚିତ ଗୀତିନାଟ୍ୟ "ଚଣ୍ଡାଳ ଗଜପତି" ଆମ ଅନୁଷ୍ଠାନର ଏକ ସଫଳ ଗୀତିନାଟ୍ୟ । ସେ ସର୍ବଦା ମନେ ପକାଇ ଦିଅନ୍ତି ଯେ ନାଟକ ଓ ସଙ୍ଗୀତ କଳା ପ୍ରଦର୍ଶନ ପାଇଁ ଏକ ଆଦର୍ଶ ପରିବେଶ ଓ ଶୃଙ୍ଖଳା ଆବଶ୍ୟକ ।

ବନ୍ଧୁ ବିଜୟ ମିଶ୍ର ମୋର ସହପାଠୀ । ବର୍ତ୍ତମାନ ସେ ଆମେରିକାରେ ସୁପ୍ରତିଷ୍ଠିତ । ତାଙ୍କର ସ୍ୱପ୍ନର ସନ୍ତାନ ହେଉଛି ସଂସ୍କୃତିବିହାର ତାଙ୍କର ଅନେକ ସ୍ୱପ୍ନ ଏବେବି ଅଧୁରା । ସେ ଭାବନ୍ତି ଓଡ଼ିଆ ଲୋକନାଟ୍ୟକୁ ବିଲୁପ୍ତିର ଗର୍ଭରୁ ଉଦ୍ଧାର କରିବା ଅତ୍ୟନ୍ତ ଜରୁରୀ ଏଥିପାଇଁ ସଂସ୍କୃତିବିହାର ଚେଷ୍ଟିତ ହେବା ଉଚିତ । ଆମେରିକାରେ ପ୍ରାୟ ପାଖାପାଖି ପଚିଶ ବର୍ଷ ରହିଲା ପରେ ମଧ୍ୟ ସେ ଜଣେ ସଚ୍ଚା ଓଡ଼ିଆ ହୋଇ ରହିପାରିଛନ୍ତି । ଓଡ଼ିଶାର ପାରମ୍ପରିକ ସଂସ୍କୃତି, ଓଡ଼ିଆ ଭାଷାର ମୌଳିକତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରିବା ପାଇଁ ସେ ସଦା ଚେଷ୍ଟିତ ।

ବନ୍ଧୁ ନିର୍ମଳ ମୋ ଜୀବନର ଅନେକ ସୁଖ, ଆନନ୍ଦ ଆଉ ପୁଲକିତ ମୁହୂର୍ତ୍ତର ସୁବର୍ଣ୍ଣ ସ୍ୱାକ୍ଷର । ଏକାଠି ପଢ଼ିବା, ଏକାଠି ଖେଳ ପଡ଼ିଆରେ ସମୟ କାଟିବା, ଏକାଠି ବୁଲିବା ଏପରିକି କର୍ମକ୍ଷେତ୍ରରେ ମଧ୍ୟ ଏକାଠି କାମ କରିବା ମଧ୍ୟରେ ଆମ ଜୀବନ ଷଷ୍ଠ ଦଶକରେ ପଦାର୍ପଣ କଲାଣି । ନିଷ୍ଠା ତାଙ୍କ ଜୀବନର ମନ୍ତ୍ର । ସେ କଳାପ୍ରେମୀ, ସଙ୍ଗୀତପ୍ରେମୀ ମଣିଷ । ଅନେକ ସୁଗୁଣର ସେ ଏକ ସମନ୍ୱିତ ବ୍ୟକ୍ତିତ୍ୱ । ଅନୁଷ୍ଠାନର କାର୍ଯ୍ୟକ୍ରମର ସଫଳତା ତାଙ୍କର ଲକ୍ଷ୍ୟ ।

ବନ୍ଧୁ ନାରାୟଣ ମୋର ଅତି ଘନିଷ୍ଠ ବନ୍ଧୁ । ମୋ ପରିବାରର ଗୋଟିଏ ଅଂଶ । ଅତ୍ୟନ୍ତ ସରଳ ଓ ବିନୟୀ ମଣିଷ । କଳାତ୍ମକ ବହୁବିଧ ଗୁଣରେ ସେ ଶୋଭିତ । ଆମ ସଂସ୍କୃତିବିହାର ପରିବାରର ସବୁଠାରୁ ଅଧିକ ନିପୁଣ ଓ କୁଶଳୀ କଳାକାର ହେଉଛନ୍ତି ବନ୍ଧୁ ନାରାୟଣ । ଗୁରୁ ଧୀରେନ୍ ଦାଶଙ୍କ ଅବର୍ତ୍ତମାନରେ ନାରାୟଣ ହିଁ ଗୀତିନାଟ୍ୟ ନିର୍ଦ୍ଦେଶନା କଳାକୁ ଆପଣେଇ ନେଇଛନ୍ତି । ସେ ଆମ ନିର୍ଦ୍ଦେଶକ । ତାଙ୍କ ଯୋଗୁଁ ହିଁ ଆମ ଅନୁଷ୍ଠାନର ଗୀତିନାଟ୍ୟ ପ୍ରଦର୍ଶନ ଏତେ ସଫଳ ହୋଇ ପାରିଛି ।

ସମୟର ଗତି ଅପ୍ରତିହତ । ସମୟ ଏକ ଆଗକୁ ଆଗକୁ ବହି ଚାଲୁଥିବା ନଦୀ । ସମୟର ସେହି ପ୍ରବାହ ଭିତରେ ସଂସ୍କୃତିବିହାର ମଧ୍ୟ ପଚାଶ ବର୍ଷ ବହି ଆସିଛି କେତେ ଅଙ୍କାବଙ୍କା ପଥରେ । ସଂସ୍କୃତିବିହାର କାହାଣୀକୁ ଜଣେ କେହି ସମ୍ପୂର୍ଣ୍ଣ ଭାବରେ କହିବା ଓ ଲେଖିବା ସମ୍ଭବ ନୁହେଁ । ଯେତେ ଲେଖିଲେ ବି କିଛି ମୁହଁ ଅନିଚ୍ଛାକୃତ ବିସ୍ମୃତିର ନେପଥ୍ୟରେ ଲୁଚି ରହିଯିବେ । କୌଣସି ଜୀବନ ଦୋଷତ୍ରୁଟିରୁ ମୁକ୍ତ ନୁହେଁ । ସଂସ୍କୃତିବିହାରର ଇତିହାସ ମଧ୍ୟ ଦୋଷତ୍ରୁଟିରୁ ମୁକ୍ତ ନୁହେଁ । ସଂସ୍କୃତି ବିହାର ଆଜି ଏକ ସୁରମ୍ୟ ପ୍ରାସାଦ ଦୋଷତ୍ରୁଟିର ହାତୁଡ଼ିର ପ୍ରହାରରେ ଏ ପ୍ରାସାଦ ଭାଙ୍ଗି ନ ଯାଉ । ବରଂ ଦୋଷତ୍ରୁଟିର ଶିକ୍ଷାରୁ ଏ ପ୍ରାସାଦ ଅଧିକ ମଞ୍ଜୁଳ ହେଉ ଓ ଅଧିକ ଶୋଭନୀୟ ହେଉ । ଅନେକ କାମ ବାକି ରହିଛି । ନୂତନ ସ୍ୱପ୍ନ, ନୂତନ ଉଦ୍ଦୀପନା, ନୂତନ ଚିନ୍ତା, ନୂତନ କାର୍ଯ୍ୟଧାରାରେ ସଂସ୍କୃତି ବିହାର ଆଗେଇ ଚାଲୁ । ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।